# Akashvani, Sambalpur

## SAMBALPURI NEWS EVENING BULLETIN

## 19 August 2024- 7.02 pm- 7.12 pm.

***********************************************

୧- ରାଜ୍ୟର୍ ପୁରପଲ୍ଲୀ ନ ପାରମ୍ପାରିକ୍ ରୀତିନୀତିଥି ପାଲିତ୍ ହେଉଛେ ରାକ୍ଷୀପୁନି ।

- ପୁରୀ ଶ୍ରୀ ମନ୍ଦିର୍ ନ ଗହ୍ମାପୁନି ଆଉ ପ୍ରଭୁ ବଳଭଦ୍ରଙ୍କର୍ ଜନ୍ମୋତ୍ସବ୍ ହେଲା ପାଲିତ୍ ।

୨- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପାଲିତ୍ ହେଉଛେ ସ୍ୱଭାବ୍ କବି ଗଙ୍ଗାଧର୍ ମେହେର୍ଙ୍କର୍ ଜୟନ୍ତୀ ।

୩- ବାଂଲାଦେଶ୍‌ଥି ଅଟ୍‌କି କରି ରହିଥିବା ଓଡ଼ିଶାର୍ ଶ୍ରମିକ୍‌ମାନ୍‌କୁ ଆଏବା ୩ ହପ୍ତା ଭିତ୍‌ରେ ରାଜ୍ୟକେ ଫିରେଇ ଆନ୍‌ବାର୍ ଲାଗି ସର୍‌କାର୍ ନଉଛନ୍ ପଦକ୍ଷେପ୍ ।

ଆଉର୍

୪- ଶ୍ରାବଣ୍ ମାସର୍ ଶେଷ୍ ସୋମ୍‌ବାର୍ ଅବ୍‌ସରେ ରାଜ୍ୟର୍ ଶିବମନ୍ଦିର୍‌ମାନ୍‌କେ ଭକ୍ତମାନ୍‌କର୍ ଜବର୍ ଭିଡ୍ ।

ରାକ୍ଷୀପୁନି ଆର୍‌ଏନ୍‌ୟୁ

କଟକ୍/ ସୁବର୍ଣ୍ଣପୁର୍/ ବର୍‌ଗଡ଼୍/ ସମ୍ବାଦଦାତା୍

ରାଏଜେ ଖୋବ୍ ଉସ୍‌ନାକିଥି ଆଏଜ୍ ରାକ୍ଷୀପୁନି ପାରମ୍ପାରିକ୍ ରୀତିନୀତିଥି ପାଲିତ୍ ହେଇଯାଇଛେ । ବହେନ୍‌ମାନେ ଭାଏ ମାନ୍‌କର୍ ମଙ୍ଗଲ୍ ମନାସି କରି ସେମାନ୍‌କର୍ ହାତେ ରାକ୍ଷୀ ବାନ୍ଧିଛନ୍ । ଇ ଅବ୍‌ସରେ ଗାଁଗହଲ୍‌ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ । ଗହ୍ମାପୁନି ଅବ୍‌ସରେ ଗାଇଗୋରୁଙ୍କର୍ ପୂଜା ଅର୍ଚ୍ଚନା କରାଯାଉଛେ ।

ପୁରୀ ଶ୍ରୀମନ୍ଦିର୍ ନ ପରମ୍ପରା ଅନ୍‌ସାରେ ଆଏଜ୍ ଗହ୍ମାପୂନି ଅବ୍‌ସରେ ପ୍ରଭୁ ଶ୍ରୀ ବଳଭଦ୍ରଙ୍କର୍ ଜନ୍ମୋତ୍ସବ୍ ନୀତି ପାଲିତ୍ ହେଉଛେ । ମଧ୍ୟାହ୍ନ ଧୂପ ଉତ୍‌ରୁ ଭଉଣୀ ସୁଭଦ୍ରା ଶ୍ରୀ ଜଗନ୍ନାଥ ଆଉ ଶ୍ରୀ ବଳଭଦ୍ର ଦୁହି ହାତେ ରାକ୍ଷୀ ପିନ୍ଧେଇଛନ୍ । ଇତାର୍‌ସହେତେ ଶ୍ରୀଜଗନ୍ନାଥ ଆଉ ଶ୍ରୀ ବଳଭଦ୍ରଙ୍କୁ ୨ ଟା ଲେଖା ଗୁଆମାଳ ଲାଗି ହେଇଛେ । ସେନ୍ତା ଶ୍ରୀମନ୍ଦିର୍ ନ ଦୁଇପହରର୍ ଧୂପ ଉତାରୁ ମଙ୍ଗଳାର୍ପଣ୍ କରାଯାଇକରି ଶ୍ରୀବଳଭଦ୍ରଙ୍କର୍ ଜନ୍ମନୀତି ହେଇଛେ ।

ରାଜ୍ୟପାଲ୍ ରଘୁବର୍ ଦାସ ରାଖି ପୁନି ଉଧେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ରାଜ୍ୟପାଲ୍ କହିଛନ୍ ଯେ, ଭାଏବହେନ୍‌ଙ୍କର୍ ସ୍ନେହ ଆଉ ପ୍ରେମର ପ୍ରତୀକ୍‌ର ଇ ପର୍ବ ସମସ୍ତଙ୍କର୍ ଜୀବନ୍‌ଥି ଖୁସି ଆନିଦଉ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍  ସାମାଜିକ୍ ଗଣମାଧ୍ୟମ୍ ଏକ୍ସ୍‌ଥି ପବିତ୍ର ରାକ୍ଷୀ ପୁନିର୍ ଶୁଭେଚ୍ଛା ଜନେଇଛନ୍ ।

ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ ରକ୍ଷାବନ୍ଧନ୍ ଉତ୍ସବ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ସ୍କୁଲ୍ କଲେଜ୍ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍‌ର ଝିଅମାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ହାତେ ରାଖୀ ବାନ୍ଧିଥିଲେ । ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ୍  ପ୍ରତିନିଧି ମାନ୍‌କୁ କହିଛନ୍ ଯେ, ଭଉଣୀମାନ୍‌କର୍ ଲାଗି ରାଜ୍ୟସର୍‌କାର୍ ସୁଭଦ୍ରା ଯୋଜ୍‌ନା କାର୍ଯ୍ୟକାରୀ କର୍‌ବାର୍‌କେ ଯାଉଛନ୍ । ଇତାର୍‌ଛଡ଼ା ରାଜ୍ୟର୍ ସବୁ ବହେନ୍‌ମାନ୍‌କର୍ ସୁଖ୍, ଶାନ୍ତି ଆଉ ସମୃଦ୍ଧି କାମନା କର୍‌ବାର୍ ସହେତେ ସଭେ ଯେନ୍ତା ସୁରକ୍ଷିତ୍ ରହେବେ ସେଥିଲାଗି ସେ ପ୍ରତିଶ୍ରୁତି ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଗାଁ ନୁ ସହର୍‌ତକ୍ ପାରମ୍ପରିକ୍ ରୀତିନୀତିଥି ଗହ୍ମାପୂର୍ଣ୍ଣିମା ଆର୍ ରାକ୍ଷିପୁନି ପାଳିତ୍ ହେଇଯାଇଛେ । ଗାଁମାନ୍‌କେ ଲୁକେ ଗୋବନ୍ଧନ୍ ଆଉ ଗାଈଗୋରୁଙ୍କୁ ପୂଜା କରିକରି କପାଳେ ହଲ୍‌ଦି ଆର୍ ସିଙ୍ଗେ ପାରମ୍ପାରିକ୍ ରାକ୍ଷୀ ପିନ୍ଧେଇଛନ୍ । ଇ ଅବ୍‌ସରେ ବହେନ୍‌ମାନେ ଭାଇମାନ୍‌କର୍ ହାତେ ରାକ୍ଷୀ ବାନ୍ଧିକରି ରାକ୍ଷୀପୁନି ମନେଇଛନ୍ । ସେନ୍ତା ଭଜବଲ୍‌ପୁର୍ ଗାଁ ନ ମହାପ୍ରଭୁ ବଳଦେବଙ୍କର୍ ଜନ୍ମୋତ୍ସବ ମହାସମାରୋହଥି ପାଳିତ୍ ହେଇଥିବାର୍ ବେଳେ ଜିଲ୍ଲାର୍ ଅଲ୍‌ଗା ଶିବମନ୍ଦିର୍‌ମାନ୍‌କେ ମହା ଜଲ୍‌ଶାୟୀ କରାଯାଇଛେ ।

ବରଗଡ଼ ଜିଲ୍ଲା ପଦମପୁର ରେଞ୍ଜ ଦହିତା ପଂଚାଏତ ର ଲେଦ୍ରାପାଲି ଗାଁ ନ ଆଏଜ ରାଖି ପୁନି ଭିନେ ହିସାବେଁ ପାଲନ ହଇଛେ । ଗାଁ ପାଶେଁ ଥିବାର ବୁଢା ଡ଼ଙ୍ଗର ର ଗଛ ମାନକୁଁ ଆଏଜ ରାଖି ବନ୍ଧା ଯାଇଛେ ।

ବୁଢା ଡ଼ଙ୍ଗର ନ ଥିବାର ଗଛ ମାନକୁଁ ସୁରକ୍ଷା ଦେବାର ଲାଗି ଇ ଅବସର ଥି ଶପଥି ନିଆଯାଇଛେ । ଦହିତା ସରପଂଚ ଦମୟନ୍ତି ପାଣ୍ଡେ ଆର ବନରକ୍ଷୀ ଲିଜି ମହାପାତ୍ରଙ୍କର ସହେତେଁ ଲେଦ୍ରା ପାଲି ଆର ଆମଦହନ ବନ ସୁରକ୍ଷା ସମିତିର ସଭ୍ୟ ସଭ୍ୟାମାନେ ଇ କାର୍ଯ୍ୟକ୍ରମ ଥି ସାମିଲ ହଇଥିଲେ । ସେନ୍ତା ଗାଇସିଲେଟ ବ୍ଲକ କଟାବାହାଲ ପଂଚାଏତ ଜୁବାଖୋଲ ଗାଁର ସାମାଜିକ କର୍ମୀ ଆଶିଷ ଜ୍ୟୋତିଶ ନିଜର ଗାଁ ନ ଥିବାର ଗଛ ମାନକୁଁ ରାଖି ବାନ୍ଧି କରି ଇ ପରବ ପାଲନ କରିଥିଲେ ।

## ଗଙ୍ଗାଧର୍ ମେହେର୍ ଜୟନ୍ତୀ

ବର୍ଗଡ଼୍/ ସମ୍ବଲପୁର/ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସ୍ୱଭାବ କବି ଗଙ୍ଗାଧର ମେହେର୍ଙ୍କର ଜନ୍ମଦିନ୍ ଆଏଜ୍ କବିଙ୍କର ଜନ୍ମ ପୀଠ ବରଗଡ଼ ଜିଲ୍ଲାର୍ ବର୍ପାଲି ସହେତେଁ ଭିନ ଭିନ ଜାଗା ନ ପାଲିତ ହଉଛେ । ଆଏଜ୍ ସଖାଲେଁ ଗଙ୍ଗାଧର ମେହେର ପ୍ରତିଷ୍ଠାନ, ଗଙ୍ଗାଧର ସାହିତ୍ୟ ପରିଷଦ, ଭୁଲିଆ

ସମାଜ ଆର ଭିନ ଭିନ ଅନୁଷ୍ଠାନ ତରଫୁଁ କବିଙ୍କ ଜନ୍ମ ସ୍ଥାନ କବି ଭବନ ଆର କବି ଙ୍କ ପ୍ରତିମୂର୍ତି ନ ଫୁଲମାଲା ଚଢେଇ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛେ । ବରଗଡ଼ ଜିଲ୍ଲା ମୁଖ୍ୟାଳୟ ନ ଥିବା କବିଙ୍କର ପ୍ରତିମୂର୍ତି ନ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଙ୍କର ସହେତେଁ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ । ସେନ୍ତା ବରପାଲି କବି ଭବନ ନୁ ଗଙ୍ଗାଧର ଜ୍ୟୋତି ଯାତ୍ରା କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେ ବାହାରିଥିଲା । ବରଗଡ଼ ଠାନେ ସାଂସଦ ପ୍ରଦୀପ ପୁରୋହିତ ଗଙ୍ଗାଧର ଜ୍ୟୋତି କେ ସ୍ୱାଗତ କରବାର ସହେତେଁ କବିଙ୍କର ଫଟୋଚିତ୍ର ଥି ମାଲ୍ୟାର୍ପଣ କରିଥିଲେ । ଆଏଜ ବେଲବୁଢ଼େଁ ବରପାଲିର ଗଙ୍ଗାଧର ମଣ୍ଡପ ଠାନେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଆର ଗଙ୍ଗାଧର କ୍ଲବ ତରଫୁଁ ହେବାର କେ ଥିବାର ଜୟନ୍ତୀ ସମାରୋହର ବହୁତ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛେ । ପଦମପୁରର ରାଜବୋଡ଼ାସମ୍ବର ହାଇସ୍କୁଲ ନ ଆଏଜ ମେହେର କବି ସ୍ମୃତି ପରିଷଦ ନ କବିଙ୍କର ଜୟନ୍ତୀ ସମାରୋହ ପାଲନ ଉଧେଁ ସାରସ୍ୱତ ସଭାର ଆୟୋଜନ ହଇଛେ ।

ସମ୍ବଲପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ତର୍ଫୁ ସ୍ୱଭାବ କବି ଗଙ୍ଗାଧର୍ ମେହେର୍ଙ୍କର୍ ଶହେ ୬୨ ନମ୍ବର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍. ନାଗାରାଜୁଙ୍କର୍ ସଭାପତିତ୍ୱଥି

ହେଇଥିବା କାର୍ଯ୍ୟକ୍ରମ୍‌ଥି ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇକରି ଓଡ଼ିଆ ସାହିତ୍ୟକେ ସ୍ୱଭାବ କବିଙ୍କର୍ ଅବଦାନ୍ ସବୁଦିନ ମନେ ରହେବା ବଲି ମତ ଦେଇଥିଲେ । ଆଏଜ୍ ସକାଲୁ ବିଶ୍ୱବିଦ୍ୟାଳୟ ନ ଥିବା ଗଙ୍ଗାଧରଙ୍କର୍ ପ୍ରତିମୂର୍ତିଥି ବିଶ୍ୱବିଦ୍ୟାଳୟର୍ କର୍ମଚାରୀ, ଛାତ୍ରଛାତ୍ରୀ ଆର୍ ସହରର୍ ଭିନ୍ ଭିନ୍ ଅନୁଷ୍ଠାନ୍‌ର ପ୍ରତିନିଧି ମାନେ ମାଲ୍ୟାର୍ପଣ୍ କରିକରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ସୁବର୍ଣ୍ଣପୁର୍‌ର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ୍ ମହାନଦୀ ସାହିତ୍ୟ ସଂସଦ୍ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍‌ଫୁ ଆଏଜ୍ ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ ସଂସ୍ଥାର୍ ସମ୍ମିଲନୀ ଗୃହ ନ ହେଇଯାଇଛେ । ମହାନଦୀ ସାହିତ୍ୟ ସଂସଦ୍‌ର ସଭାପତି ଶ୍ୟାମ୍ ଓମ୍ ପ୍ରସାଦ୍ ମିଶ୍ରଙ୍କର୍ ସଂଯୋଜନାଥି ହେଇଥିବା ସାରସ୍ୱତ ସମାରୋହଥି ବିଶିଷ୍ଟ ଗବେଷକ ପ୍ରଫେସର୍ ଉମାକାନ୍ତ ମଙ୍ଗରାଜ୍ ଆଲୋଚକ ଭାବେ ଯୋଗ୍ ଦେଇକରି ଗଙ୍ଗାଧର୍ ମେହେରଙ୍କର୍ ସାରସ୍ୱତ କୃତି ଉପ୍‌ରେ ଆଲୋଚନା କରିଥିଲେ ।

ବୌଦ୍ଧ ଜିଲ୍ଲା ବୁଟୁପାଲି ସହେତେ ଭିନ୍ ଭିନ୍ ଗାଁ ନ ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଆଲୋଚନାଚକ୍ର, କବିତା ପାଠୋତ୍ସବ୍ ମାନ୍ ଆୟୋଜନ୍ କରାଯାଇଛେ ।

ଶ୍ରୀବଣ୍ ସୋମ୍ବାର୍        ନୂଆପଡ଼ା/ବୌଦ୍ଧ/ବରଗଡ଼୍
ସମ୍ବାଦଦାତା

ଆଏଜ୍ ଶ୍ରାବଣ୍ ମାସର୍ ଶେଷ୍ ସୋମ୍ବାର୍ । ଇ ଅବ୍‌ସରେ ପଶ୍ଚିମ୍ ଓଡ଼ିଶାର୍ ଶିବ ମନ୍ଦିର୍‌ମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଜବର୍ ଭିଡ଼୍ ହେଇଛେ । ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ପାତାଲ୍ ଗଙ୍ଗା ପବିତ୍ର ପୀଠ ନ ଶ୍ରାବଣ୍ ମାସର୍ ଶେଷ୍ ସୋମ୍ବାର୍ ପାଳିତ୍ ହେଇଛେ । ଇଥି ଜିଲ୍ଲା ଆଉ ଜିଲ୍ଲା ବାହାର୍‌ର ଆର୍ ପଡ଼ୋଶୀ ରାଜ୍ୟ ଛତିଶ୍‌ଗଡ଼୍‌ର ବହୁତ୍ ଶ୍ରଦ୍ଧାଳୁ ଭକ୍ତ ପାଏନ୍ ନେଇକରି ଶିବଙ୍କର୍ ଜଳାଭିଷେକ କରିଛନ୍ । ଶିବମନ୍ଦିର୍ ନ ରୁଦ୍ରାଭିଷେକ, ଜଳାଭିଷେକ, ମହାମୃତ୍ୟୁଞ୍ଜୟ ପାଠ ସହେତେ ପୂଜାର୍ଚ୍ଚନା କରାଯାଇଛେ । ଇଥିର୍‌ଲାଗି ମନ୍ଦିର୍ ଟ୍ରଷ୍ଟ ତର୍‌ଫୁ ବ୍ୟାପକ୍ ବ୍ୟବସ୍ଥା କରାଯାଇଥିବାର୍ ବେଲେ ଭକ୍ତଙ୍କର୍ ଭିଡ଼୍‌କେ ଦେଖିକରି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲାର୍ ଅଷ୍ଟଶମ୍ଭୁ ପୀଠର୍ ଅତାବିରାର୍ ସରଣ୍ଡା ଆର୍ ସ୍ୱର୍ଣ୍ଣା, ବର୍‌ଗଡ଼୍‌ର ଗାଇସିମା ଆର୍ ଦେଗାଁ, ଭଟ୍‌ଲିର୍ ନୀଲ୍‌ଜି ଆର୍ ଅମ୍ବାଭୋନାର୍ କେଦାର୍‌ନାଥ୍ ଠାନେ ଶ୍ରାବଣ୍ ମାସର୍ ଶେଷ୍ ସୋମ୍ବାର୍ ଦିନ ଆଏଜ୍ ଶ୍ରଦ୍ଧାଳୁମାନ୍‌କର୍ ବହୁତ୍‌ଟେ ଭିଡ଼୍ ହେଇଥିଲା । ସେନ୍ତା ପାଇକ୍‌ମାଲ୍‌ର ନରସିଂନାଥ, ଜଳମହାଦେବ, ବର୍‌ଗଡ଼୍‌ର ଝାଡ଼େଶ୍ୱର୍ ମନ୍ଦିର୍ ନ ଭକ୍ତମାନ୍‌କର୍ ଲମ୍ବା ଧାଡ଼ି ଦେଖିବାରକେ ମିଳିଥିଲା ।

ସେନ୍ତା ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାତି ପୀଠ ସହେତେ ଭିନ୍ ଭିନ୍ ଶିବମନ୍ଦିର୍‌ମାନ୍‌କେ କାଉଡ଼ିଆମାନ୍‌କର୍ ବହୁତ୍ ଭିଡ୍ ହେଇଥିଲା । ବୌଦ୍ଧ ସହରର୍ ଐତିହାସିକ ରାମ୍‌ନାଥ ବାବା, ଚନ୍ଦ୍ରଚୂଡ଼ ବାବା, ମାତଙ୍ଗେଶ୍ୱର ବାବା, ରାମ୍‌ଗଡ୍, ହର୍‌ଭଙ୍ଗା ଆର୍ ହରେକୃଷ୍ଣପୁର୍ ନ ଥିବା ଶିବମନ୍ଦିର୍‌ମାନ୍‌କେ କାଉଡ଼ିଆମାନେ ଜଳାଭିଷେକ କରିଛନ୍ ।

ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ବିଭାଗ ମନ୍ତ୍ରୀ

ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୫ ଶହ ଟା ଆଦିବାସୀ ଗାଁକେ ବିକଶିତ୍ କର୍‌ବାର୍ ଲାଗି ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଯୋଜ୍‌ନା ତିଆର୍ କରାଯାଇଛେ ବଲି ବିଭାଗୀୟ ମନ୍ତ୍ରୀ ରବି ନାଏକ୍ କହିଛନ୍ । ସେ କହିଛନ୍ ଯେ, ଯେନ୍ ଗାଁ ମାନ୍‌କେ ୮୦ ନୁ ୯୦ ପ୍ରତିଶତ୍ ଆଦିବାସୀ ଲୋକ୍ ରହୁଛନ୍ ସେ ଗାଁ ମାନ୍‌କେ ଚିହ୍ନଟ୍ କରାଯାଇକରି ଖୋବ୍ ଜଲ୍‌ଦି ବିକାଶ୍ କାମ୍ କରାଯିବା ।  ଆଦିବାସୀ ଗାଁ ମାନ୍‌କର୍ ବିକାଶ୍ କାମ୍ ଲାଗି ତିଆର୍ ହଉଥିବା ଯୋଜ୍‌ନାଥି ସେମାନ୍‌କର୍ ପରମ୍ପରା ଆର୍ ସଂସ୍କୃତିକେ ପ୍ରାଥମିକିତା ଦିଆଯିବା । ସେ କହିଛନ୍ ଯେ, ଇ ଯୋଜ୍‌ନାଥି ରାସ୍ତା, ପିଇବାର୍ ପାଏନ୍, କୃଷି, ପଶୁପାଲନ୍, ଜଲ୍‌ସେଚନ୍, ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି, ମାତୃଶକ୍ତି ଆଉ ଯୁଆନ୍ ପିଲାମାନ୍‌କର୍ ରୋଜ୍‌ଗାର୍ ଲାଗି ବ୍ୟବସ୍ଥା

କରାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାଥି ପହେଲା ଖେପେ ୫ ଶହ ଟା ଆଦିବାସୀ ବହୁଲ ଗାଁର୍ ବିକାଶ୍ କାମ୍ କରାଯିବାର୍ ଉତ୍‌ରୁ ପଛେ ଅଏତ୍‌କା ଗାଁକେ ଇ ଯୋଜ୍‌ନାଥି ସାମିଲ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ମହିମାଧର୍ମାବଲମ୍ବୀ-ନୂଆଁଖାଇ ଉତ୍ସବ ବର୍‌ଗଡ୍

ସମ୍ବାଦଦାତା

ମହିମାଧର୍ମାବଲମ୍ବୀ ମାନେ ଶ୍ରାବଣ ମାସର ପୁନି ଦିନ ନୂଆଁଖାଏବାର ପରମ୍ପରା ରହିଛେ । ଇ ଅବସରେଁ ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଭୁକ୍ତା ଠାନେ ଥିବା ଚିଚୋଲି ମହିମା ଆଶ୍ରମ ନ ଆଏଜ ନୂଆଁଖାଇ ଉତ୍ସବ ପାଲନ କରାଯାଇଛେ । ଚତୁର୍ଦ୍ଦଶୀ ତିଥି ଥି ଗଲାକାଏଲ ମହିମାଧର୍ମାବଲମ୍ବୀମାନେ ଠୋଲ ହଇକରି ବ୍ରହ୍ମ ଧୂନୀ ଥାପନା ସାଙ୍ଗେ ଆହୂତି ଦେଇଥିଲେ । ଓଡ଼ିଶା ଆର ଛତିଶଗଡ଼ ଅଂଚଲର ସାଧୁ ସନ୍ଥ, ବଲ୍କଲଧାରୀ ବାବା ଆର ଭଗତ ମାନକର ଚିଚୋଲି ମହିମା ଆଶ୍ରମ ନ ସମାଗମ ହଇଥିଲା । ବ୍ରହ୍ମ ଅବଧୂତ ବିରେନ୍ଦ୍ର କୁମାର ବାବା ମହିମା ଗୋସାଇଁଙ୍କର ଠାନେ ନବାନ୍ନ ଅର୍ପଣ କଲା ଉତାରୁଁ ଭକତ ମାନେ ସଭେ ମିଶିକରି ନୂଆଁ ଖାଇଥିଲେ । ଆଘର ଦିନ ବେଲବୁଡ଼େଁ ହୋମ ଯଜ୍ଞ, ଖଞ୍ଜଣି ଆଠ ଭଜନ ପରିବେଷଣ

ହେଇଥିଲା । ସେନ୍ତା ବରଗଡ଼ ଜିଲ୍ଲା ଘେଁସ ପାଶର ତିଲେଇମାଲ ଆର ପାଇକମାଲ ବ୍ଲକ ର ଗୋପପୁର ମହିମା ଆଶ୍ରମ ନ ନୂଆଁଖାଇ ପାଳନ ହଇଛେ ।